ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/AgFE (Od)/1101/07-10-2023**

# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଛତୁ କନ୍‌କ୍ଲେଭ୍-୨୦୨୩ ଆୟୋଜିତ

## ଛତୁଚାଷ ପରି ଉଚ୍ଚମୂଲ୍ୟର ଅର୍ଥକରୀ ଫସଲ ଚାଷୀଙ୍କ ଆୟବୃଦ୍ଧିରେ ସହାୟକ ହୋଇପାରୁଛି : କୃଷି ମନ୍ତ୍ରୀ ଶ୍ରୀ ସ୍ୱାଇଁ

- ଛତୁ ମିଶନରେ ୫ ବର୍ଷରେ ୩୨୮.୮୮ କୋଟି ଟଙ୍କା ଖର୍ଚ୍ଚ ହେବ
- ଛତୁଚାଷ ମହିଳା ସଶକ୍ତିକରଣ ଦିଗରେ ଏକ ପ୍ରମୁଖ କ୍ଷେତ
- ଛତୁଚାଷ ନିମିତ୍ତ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ପାଇଁ ୭୦ ପ୍ରତିଶତ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ୮୦ ପ୍ରତିଶତ ରିହାତି

ଭୁବନେଶ୍ୱର, ୦୭/୧୦/୨୦୨୩

ଛତୁ ଏକ ଉତ୍ତମ ପୁଷ୍ଟିକର ଖାଦ୍ୟ ଓ ଅର୍ଥକରୀ ଫସଲ । ଜୈବବିବିଧତା ଦୃଷ୍ଟିରୁ ଛତୁ ଚାଷ ପାଇଁ ରାଜ୍ୟରେ ବ୍ୟାପକ ସୁଯୋଗ ରହିଛି । କୃଷି କାର୍ଯ୍ୟକ୍ରମକୁ ବିବିଧିକରଣ କରବା ଦିଗରେ ଛତୁଚାଷ ପରି ଉଚ୍ଚମୂଲ୍ୟର ଫସଲକୁ ଆପଣେଇବା ଏକାନ୍ତ ଆବଶ୍ୟକ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଆଜି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ ଛତୁ କନ୍‌କ୍ଲେଭ୍-୨୦୨୩କୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଛତୁଚାଷ ପରି ଅର୍ଥକରୀ ଫସଲ ଚାଷୀର ଆୟବୃଦ୍ଧିରେ ସହାୟକ ହୋଇପାରୁଛି । ପାଳଛତୁ ଚାଷ ପାଇଁ ନଡ଼ା ବ୍ୟବହାର ହେଉଥିବାରୁ ଏହା ଦ୍ୱାରା ବର୍ଜ୍ୟବସ୍ତୁରୁ ସଂପଦ ସୃଷ୍ଟି ହେବା ସହିତ ପରିବେଶ ସୁରକ୍ଷା ହୋଇପାରୁଛି । ରାଜ୍ୟ ସରକାର ଛତୁଚାଷକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଛତୁ ମିଶନ ଆରମ୍ଭ କରିଛନ୍ତି । ଏଥି ପାଇଁ ୨୦୨୨-୨୩ରୁ ୨୦୨୬-୨୭ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ୩୨୮ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଯୋଜନା ସାଧାରଣ ଛତୁଚାଷୀଙ୍କ ସମେତ ମହିଳା ହିତାଧିକାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ନିରନ୍ତର ଆୟକୁ ସୁନିଶ୍ଚିତ କରିବା ସହିତ ଓଡ଼ିଶାକୁ ମିଶନ ଅବଧି ମଧ୍ୟରେ ଛତୁ ରପ୍ତାନୀକାରୀ ରାଜ୍ୟରେ ପରିଣତ କରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏହି ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଯଥାକ୍ରମେ ୭୦ ପ୍ରତିଶତ ଓ ୮୦ ପ୍ରତିଶତ ରିହାତି ପ୍ରଦାନର ବ୍ୟବସ୍ଥା ରହିଛି । ଛତୁଚାଷ ମହିଳାମାନଙ୍କ ଆର୍ଥିକ ପ୍ରଗତି ଓ ସଶକ୍ତିକରଣ ଦିଗରେ ଏକ ପ୍ରମୁଖ କ୍ଷେତ୍ର ଭାବରେ ଉଭା ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଛତୁର ଗୁଣାତ୍ମକ ମୂଲ୍ୟ ସଂପର୍କରେ ସାଧାରଣ ଜନତାଙ୍କୁ ବ୍ୟାପକ ସଚେତନ କରାଇବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରରେ ବ୍ୟାପକ ପ୍ରଚାରପ୍ରସାର ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟରେ ପ୍ରାକୃତିକ ଭାବେ ରହିଥିବା ଛତୁକୁ ଉପଯୋଗ କରି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ନୂତନ କିସମ ବିକାଶ କରିବା ସହିତ ଛତୁଚାଷରେ ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱ ଦେଇଥିଲେ । ଛତୁଚାଷ ଗବେଷଣା ପାଇଁ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ରାଜ୍ୟ ସରକାର ଯତ୍ନବାନ ଏବଂ ରାଜ୍ୟରେ ଛତୁ ସମେତ ପଣସ, ଫୁଲ ଓ ମସଲା ନିମନ୍ତେ ଉତ୍କର୍ଷ କେନ୍ଦ୍ର ବିକାଶ ନିମନ୍ତେ ସେ ପରାମର୍ଶ ଦେଇଥିଲେ ।

ସମ୍ମେଳନରେ ସଭାପତିତ୍ୱ କରି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓଡ଼ିଶାକୁ ଛତୁ ଚାଷର ଏକ୍ସୁଡ଼ିଶାଳ ଭାବରେ ଅଭିହିତ କରିଥିଲେ । ବିଶ୍ୱବିଦ୍ୟାଳୟ ଅଧିନରେ ଥିବା କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକ ଏ ଦିଗରେ ସ୍ୱତନ୍ତ୍ର ପ୍ରୟାସ କରୁଛନ୍ତି ବୋଲି ସେ କହିଥିଲେ । ବିଗତ ୩ ବର୍ଷ ମଧ୍ୟରେ

ବିଶ୍ୱବିଦ୍ୟାଳୟ ପକ୍ଷରୁ ୩୫୨ ଜଣ ଚାଷୀଙ୍କୁ ଛତୁ ମଂଜି ପ୍ରସ୍ତୁତ ଓ ଛତୁଚାଷ ପ୍ରଣାଳୀ ସଂପର୍କରେ ତାଲିମ ପ୍ରଦାନ କରାଯାଇଛି ବୋଲି କୁଳପତି ଶ୍ରୀ ରାଉଳ କହିଥିଲେ ।

ସମ୍ମେଳନରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା ଛତୁଚାଷକୁ ବ୍ୟାପକ କରିବା ସହିତ ଅମଳ ପରବର୍ତ୍ତୀ ପରିଚାଳନା, ପରିବହନ ଓ ମୂଲ୍ୟଯୁକ୍ତ କରିବା ଦିଗରେ ସରକାରୀ ସୁବିଧା ଉପରେ ଆଲୋଚନା କରିଥିଲେ । ବିଶିଷ୍ଟ ଛତୁଚାଷ ବୈଜ୍ଞାନିକ ଓ ଓଡ଼ିଶା ଛତୁ ଉତ୍ପାଦକ ମହାସଂଘର ସଭାପତି ଡ. ଅଦ୍ୱୈତ କୁମାର ପାତ୍ର ଛତୁଚାଷରେ ଅଧିକ ସଂଖ୍ୟାରେ ଯୁବକଯୁବତୀ ଓ ନାମମାତ୍ର ଚାଷୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ଛତୁ ପ୍ୟାକିଂ ପାଇଁ ଉନ୍ନତ ଜ୍ଞାନକୌଶଳର ବିକାଶ, ସୁବ୍ୟବସ୍ଥିତ ବଜାର ବ୍ୟବସ୍ଥା ଓ ଶୀତଳିକୃତ ପରିବହନ ଉପରେ ଗୁରୁତ୍ୱାରୋପ କରିଥିଲେ ।

ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଗବେଷଣା ବିଭାଗର ଅଧକ୍ଷ ଡ. ସଂଗ୍ରାମ କେଶରୀ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧକ୍ଷ ଡ. ପ୍ରସନ୍ନଜିତ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଛତୁଚାଷ ପଦ୍ଧତି, ବିହନ ପ୍ରସ୍ତୁତି ଓ ଛତୁର ବିଭିନ୍ନ ସାମଗ୍ରୀକୁ ନେଇ ଆୟୋଜିତ ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ । ସମ୍ମେଳନରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଅନେକ ଛତୁ ଉତ୍ପାଦକ ଏବଂ ଛତୁ ଉଦ୍ୟୋଗୀଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧକ୍ଷ, ନିର୍ଦ୍ଦେଶକ, ଅଧ୍ୟାପକ ଓ ବୈଜ୍ଞାନିକମାନେ ଯୋଗଦେଇଥିଲେ ।

ତାପସ କୁମାର ସାହା

ସୂଚନା ଅଧିକାରୀ